


- ସୋସିଆଲ  ମିଡିଆରେ ଏକାଉଣ୍ଟ ଖୋଲିବା ସମୟରେ ସେହି ୱେବସାଇଟର privacy policy କୁ ଭଲ ଭାବରେ ପଢନ୍ତୁ ତଥା third party application ବାବଦରେ ଧ୍ୟାନ ଦିଅନ୍ତୁ।
- ସୋସିଆଲ  ମିଡିଆ ଏକାଉଣ୍ଟରେ ନିଜର ଅତ୍ୟନ୍ତ ଗୋପନୀୟ ତଥ୍ୟ ଦିଅନ୍ତୁ ନାହିଁ।
- ସୋସିଆଲ  ମିଡିଆ ଏକାଉଣ୍ଟରେ ସାଙ୍ଗ ଚୟନ ଠିକ ଭାବରେ କରନ୍ତୁ। ସାଙ୍ଗ ଚୟନ କରିବା ପୂର୍ବରୁ ଭଲ ଭାବରେ ସେହି ଏକାଉଣ୍ଟଟିକୁ ଯାଞ୍ଚ କରି ନିଅନ୍ତୁ। Social Media ରେ କୌଣସି ଅଜଣା ପୁରୁଷ ଓ ନାରୀ କୁ ବନ୍ଧୁ ଭାବେ ଗ୍ରହଣ କରନ୍ତୁ ନାହିଁ।
- ଗୋଟିଏ ନାମରେ ଗୁଡାଏ ଏକାଉଣ୍ଟ ଖୋଲନ୍ତୁ ନାହିଁ।
- ସୋସିଆଲ ମିଡିଆରେ ପୋଷ୍ଟ ହେଉଥିବା ସବୁ ଜିନିଷକୁ ଠିକ ବୋଲି ଭାବି ଆଖି ବୁଜି ବିଶ୍ୱାସ କରନ୍ତୁ ନାହିଁ ଓ କୌଣସି ତଥ୍ୟ ପୋଷ୍ଟିଂ କିମ୍ବା ବିନିମୟ କରିବା ପୂର୍ବରୁ ଭଲ ଭାବେ ପରଖନ୍ତୁ।
- ସୋସିଆଲ ମିଡିଆରେ ଅଶ୍ଳୀଳ, ଘୃଣା ତଥା ଖରାପ ତଥ୍ୟ ପୋଷ୍ଟିଂ କିମ୍ବା ବିନିମୟ କରନ୍ତୁ ନାହିଁ। ଏହା ଆଇନତଃ ଅପରାଧ ଅଟେ।
- ସୋସିଆଲ ମିଡିଆରେ ଆପଣ ପାଉଥିବା ମେସେଜକୁ ଅନ୍ଧ ଭଳି forward କରନ୍ତୁ ନାହିଁ। ଏହା ମଧ୍ୟ ଆଇନତଃ ଅପରାଧ ଅଟେ।
- ପ୍ରତିଥର  ସୋସିଆଲ  ମିଡିଆ ଆକାଉଣ୍ଟ ଖୋଲି ଦେଖିସାରିଲା ପରେ sign out / log out କରନ୍ତୁ।
- ଆପଣଙ୍କ ପାଖକୁ ଆସୁଥିବା ଲିଙ୍କ, ଭିଡିଓ ତଥା ଅଡିଓ ଫାଇଲ କୁ ଭଲ ଭାବେ ଯାଞ୍ଚ କରନ୍ତୁ।
- କୌଣସି ଅଜଣା ଲିଙ୍କକୁ କ୍ଲିକ କରନ୍ତୁ ନାହିଁ। ଅଜଣା ମେଲରୁ ଡାଉନଲୋଡ କରନ୍ତୁ ନାହିଁ। ଏଥିରେ virus ରହିଥାଇପାରେ ଓ ଆପଣଙ୍କ ତଥ୍ୟ ଚୋରି ହୋଇଯାଇପାରେ।




- ମାଗଣା ୱାଇ-ଫାଇ (WI-FI ) ଜୋନରେ ନିଜର ସୋସିଆଲ ମିଡିଆ ଆକାଉଣ୍ଟ ଖୋଲିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ।
- ହ୍ୟାକର ମାନେ ଫ୍ରି ୱାଇ-ଫାଇ (WI-FI ) ଜୋନରେ  ଆପଣଙ୍କର ୟୁଜର ଆଇଡ଼ି (USER ID) ତଥା ପାସୱାର୍ଡ ଓ ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟକୁ ହ୍ୟାକ କରିବାର ବହୁତ ସମ୍ଭାବନା ଥାଏ।
- ମାଗଣା ୱାଇ-ଫାଇ (WI-FI ) ଜୋନରେ ନିଜର ବ୍ୟାଙ୍କ ସମ୍ବନ୍ଧୀୟ କାମ କରନ୍ତୁ ନାହିଁ।

Issued in public interest by

CRIME BRANCH ODISHA